






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୌସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।


## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।


## ଆଜିର ଭାଗ୍ୟ


ମେଷ


ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ


ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ


ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ


ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା


ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା


ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କାଂଚୀ କାମାକ୍ଷୀ ଶକ୍ତିପୀଠ, ତାମିଲନାଡୁ

କାଂଚିପୁରମ୍ ର ହୃଦୟସ୍ଥଳ ହେଉଛି କାଂଚି କାମାକ୍ଷୀ ମନ୍ଦିର। ବସ୍ତୁତଃ ସଂପୂର୍ଣ୍ଣ କାଂଚିପୁରମ୍ ନଗରୀ କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରି ରହିଛି। ଭଗବାନ ଶିବ ଓ ଭଗବାନ ବିଷ୍ଣୁଙ୍କ ଭଳି ଅନେକ ଦେବୀ ଦେବତା ମଧ୍ୟ କାଂଚି କାମାକ୍ଷୀ ମନ୍ଦିରକୁ ଘେରି ରହିଛନ୍ତି। କାଂଚି କାମାକ୍ଷୀ ମନ୍ଦିରକୁ ଆନନ୍ଦରେ କାମାକ୍ଷୀ ଅମ୍ମା ମନ୍ଦିର ବୋଲି ମଧ୍ୟ କୁହାଯାଏ। କାଂଚି କାମାକ୍ଷୀ ମନ୍ଦିରର ଗୋଟିଏ ପାର୍ଶ୍ୱରେ ଶିବ କାଂଚି ଅର୍ଥାତ୍ ବଡ଼ କାଂଚି ଅବସ୍ଥିତ। ଏଠାରେ କେତେକ ବିଷ୍ଣୁ ମନ୍ଦିର ସହିତ ଅନେକ ଶିବ ମନ୍ଦିର ସ୍ଥାପିତ ହୋଇଛି। କାଂଚି କାମାକ୍ଷୀ ମନ୍ଦିରର ଅନ୍ୟ ପାର୍ଶ୍ୱରେ ବିଷ୍ଣୁ କାଂଚି ଅର୍ଥାତ୍ ଛୋଟ କାଂଚି ଅବସ୍ଥିତ। ସେଠାରେ ମଧ୍ୟ କେତୋଟି ବିଶାଳ ବିଷ୍ଣୁ ମନ୍ଦିର ତଥା କେତୋଟି ଶିବ ମନ୍ଦିର ମଧ୍ୟ ରହିଛି।

ଏଠାରେ କାମାକ୍ଷୀ ମନ୍ଦିରର ଅସ୍ତିତ୍ୱ ଅନନ୍ତ କାଳରୁ ଅବସ୍ଥିତ ଥିବା କୁହାଯାଏ। ରେକର୍ଡ଼ ଅନୁଯାୟୀ ମନ୍ଦିରରେ ଶ୍ରୀ ଚକ୍ର କୁ ଆଦି ଶଙ୍କରାଚାର୍ଯ୍ୟ ହିଁ ସ୍ଥାପନା କରିଥିଲେ। ୫ମ ରୁ ୮ମ ଶତାବ୍ଦୀ ମଧ୍ୟରେ କେଉଁ ଏକ ସମୟରେ ଏହି ସ୍ଥାପନା କାର୍ଯ୍ୟ ହୋଇଥିବା ଅନୁମାନ କରାଯାଉଛି। ପୁରାତାତ୍ୱିକ ସାହିତ୍ୟ ଅନୁସାରେ ଏହି ମନ୍ଦିର ପ୍ରାୟ ୧୩୦୦ ବର୍ଷର ପୁରାତନ। ହୁଏତ ଏଠାରେ ପଲ୍ଲବ ସମ୍ରାଟଙ୍କ ଆଧିପତ୍ୟ ଥିଲା ଓ କାଂଚି ପୁରମ୍ ତାଙ୍କ ରାଜଧାନୀ ଥିଲା ବୋଲି କୁହାଯାଉଛି। ସେ ଯାହାହେଉ କାମାକ୍ଷୀ ଦେବୀ ହିଁ କାଂଚିର ଅଧିଷ୍ଠାତ୍ରୀ ଦେବୀ ଥିଲେ, ଏଥିରେ କାହାର ସନ୍ଦେହ ନାହିଁ।



କାଂଚିର କାମାକ୍ଷୀ ମନ୍ଦିର ଭାରତୀୟ ଉପମହାଦେଶର ୧୮ଟି ମହା ଶକ୍ତିପୀଠ ମଧ୍ୟରେ ଗୋଟିଏ ଓ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଶକ୍ତିପୀଠ ଅଟେ। କ୍ରୋଧ ଜର୍ଜରିତ ଶିବ ଯେତେବେଳେ ମା'ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ, ଶିବଙ୍କୁ ଶାନ୍ତ କରିବା ପାଇଁ ବ୍ରହ୍ମା ବିଷ୍ଣୁଙ୍କୁ ଅନୁରୋଧ କଲେ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲେ ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସେହି ଖଣ୍ଡ ମାନଙ୍କ ମଧ୍ୟରୁ ସତୀଙ୍କ ନାଭିଖଣ୍ଡ ଏଠାରେ ପଡ଼ିଥିଲା। ଆଉ ଏହି ସ୍ଥାନ ଏକ ମହାନ୍ ଶକ୍ତିପୀଠ ଭାବେ ପରିଚିତ।



ଆହୁରି ବି କୁହାଯାଏ ଯେ, ଦେବୀ ଅସୁର ଭଣ୍ଡାସୁରକୁ ବଦ୍ଧ କରିବା ପାଇଁ ଏକ କନ୍ୟା ରୂପରେ ଅବତାର ନେଇଥିଲେ ଓ ସେ ଏହି ମନ୍ଦିରରେ ଅଧିଷ୍ଠିତ ଥିଲେ। ଏହି ମନ୍ଦିରକୁ ସ୍ୱୟମ୍ଭୁ ବୋଲି କୁହାଯାଏ। କାରଣ ଏହି ମନ୍ଦିରରେ ଥିବା ମାତାଙ୍କ ମୂର୍ତ୍ତି କାହାରି ଦ୍ୱାରା ତିଆରି ହୋଇନଥିଲା, ବରଂ ସ୍ୱଂୟ ଅବତରିତ ହୋଇଥିଲା। କୁହାଯାଏ ଯେ, ଦେବୀ ଏହି ମନ୍ଦିରରେ ସ୍ଥୁଳ, ସୂକ୍ଷ୍ମ ଓ ଶୂନ୍ୟ ଏପରି ତିନିଟି ସ୍ୱରୂପରେ ବିରାଜମାନ କରିଛନ୍ତି।

ଶାସ୍ତ୍ର ଅନୁଯାୟୀ ଭଗବାନ ଶିବଙ୍କ ସହିତ ବିବାହ କରିବାକୁ ଆଶା କରି କାମାକ୍ଷୀ ଅମ୍ମା ଘୋର ସପସ୍ୟା କରିଥିଲେ। ଶେଷରେ ତାଙ୍କର ଅଭିଳାସ ପୂର୍ଣ୍ଣ ହେଲା ଏବଂ ଫାଲଗୁନ ମାସର ଉତର ନକ୍ଷତ୍ରରେ ଭଗବାନ୍ ଶିବଙ୍କ ସହିତ ତାଙ୍କର ବିବାହ ହେଲା। ଏଠାରେ ମା'କାମାକ୍ଷୀଙ୍କ ଗୋଟିଏ ଗୋଡ଼ରେ ଛିଡ଼ା ହୋଇ ତପସ୍ୟା କରୁଥିବା ସୁନାର ଏକ ମୂର୍ତ୍ତି ରହିଛି। ମା'ଙ୍କର ଏହି ସ୍ୱର୍ଣ୍ଣ ମୂର୍ତ୍ତିକୁ ବଙ୍ଗାରୁ କାମାକ୍ଷୀ ବୋଲି ମଧ୍ୟ କୁହାଯାଏ।

କାଂଚି କାମାକ୍ଷୀ ମନ୍ଦିରର ମୁଖ୍ୟ ଗର୍ଭ ଗୃହକୁ ଗାୟତ୍ରୀ ମଣ୍ଡପ କୁହାଯାଏ। ଏଠାରେ କାମାକ୍ଷୀ ଅମ୍ମା ପଦ୍ମାସନର ଯୋଗମୁଦ୍ରାରେ ବସିଛନ୍ତି। ତାଙ୍କର ଆସନ ପଂଚ ବ୍ରହ୍ମାସନ। କାମାକ୍ଷୀ ଅମ୍ମାଙ୍କର ଚାରି ହାତ ରହିଛି। ତାଙ୍କ ତଳ ହାତରେ ରହିଛି ଆଖୁଖଣ୍ଡ ଓ ପାଂଚଟି ଫୁଲର ଗୁଚ୍ଛ। ଉପର ଦୁଇ ହାତରେ ସେ ଶସ୍ତ୍ର, ପାଶ ଓ ଦଣ୍ଡ ଧାରଣ କରିଛନ୍ତି। ଦେବୀଙ୍କ ପ୍ରତିମାକୁ ସର୍ବଦା ଉଜ୍ଜ୍ୱଳ ରଙ୍ଗିନ ଶାଢ଼ୀ ଓ ସଂପୂର୍ଣ୍ଣ ବେଶଭୂଷାରେ ଅଳଙ୍କୃତ କରାଯାଏ। ଗର୍ଭଗୃହ ଭିତରେ ରୁପାରେ ଝୁଲୁଥିବା ଏକ ସ୍ତମ୍ଭ ରହିଛି। ଏଥିରେ ଏକ ଛିଦ୍ର ରହିଛି, ଯାହା ଦେବୀଙ୍କ ନାଭିର ପ୍ରତିନିଧିତ୍ୱ କରେ। କୁହାଯାଏ ଯେ, ଏହା ଭକ୍ତ ମାନଙ୍କୁ ସନ୍ତାନ ପାଇବାର ବର ପ୍ରଦାନ କରିଥାଏ।





କାମାକ୍ଷୀ ମନ୍ଦିରରେ ପ୍ରତ୍ୟେକ ବର୍ଷ ଫାଲଗୁନ ମାସରେ ଭଗବାନ ଶିବ ଓ କାମାକ୍ଷୀଙ୍କ ମଧ୍ୟରେ ବିବାହ ଉତ୍ସବ ପାଳନ କରାଯାଏ। ଏହି ଉତ୍ସବରେ ବିବାହ ଅଭିଳାଷ ରଖିଥିବା ଯୁବକ ଯୁବତୀ ମାନେ ବହୁ ସଂଖ୍ୟାରେ ଏଠାକୁ ଆସିଥାନ୍ତି। ଏହିଦିନ ଦେବୀଙ୍କୁ ନୌକାରେ ବସାଯାଇ ବୁଲାଯାଏ। ସେହିପରି ପ୍ରତି ମାଘ ମାସରେ ଏଠାରେ ବାର୍ଷିକ ବ୍ରହ୍ମୋତ୍ସବ ପାଳନ କରାଯାଏ। ଏହି ସମୟରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଦେବୀଙ୍କ ରଥ ବାହାରକୁ ଯାଏ। ଉତ୍ସବର ଚତୁର୍ଥ ଦିନ କାମାକ୍ଷୀ ଅମ୍ମା ସୁନାର ସିଂହ ଉପରେ ବସନ୍ତି ତଥା ନବମ ଦିନରେ ରୂପା ନିର୍ମିତ ରଥରେ ବସି ନଗର ଭ୍ରମଣରେ ଯାଆନ୍ତି। ଏହି ଉତ୍ସବ ଦିନ ବା ପୂର୍ଣ୍ଣିମା ପଡୁଥିବା ୧୦ମ ଦିବସ ଓ ଶେଷ ଦିନରେ ଦେବୀ ଓ ତାଙ୍କର ଭକ୍ତମାନେ ମନ୍ଦିରର ଜଳକୁଣ୍ଡରେ ବୁଡ଼ ପକାନ୍ତି।

ପ୍ରତି ବର୍ଷ ଚୈତ୍ର ମାସର ପ୍ରଥମ ଦିବସରେ କାମାକ୍ଷୀ ଅମ୍ମା ନିଜ ସୁନାର ରଥ ଉପରେ ବସନ୍ତି। ଏଭଳି ରଥଯାତ୍ରା ହିନ୍ଦୁ ପାଞ୍ଜି ଅନୁସାରେ ପ୍ରତି ମାସର ପ୍ରଥମ ଦିନ ଆୟୋଜିତ ହୋଇଥାଏ। ଯଦି ତାହା ଶୁକ୍ରବାର ଦିନ ହୁଏ, ସେଦିନ ପୂର୍ଣ୍ଣିମା କିମ୍ୱା ଅମାବାସ୍ୟା ହୋଇଥାଏ। କାଂଚିର କାମାକ୍ଷାଙ୍କ ଏହି ରଥଯାତ୍ରାକୁ ଦର୍ଶନ କରିବା ପାଇଁ ସମସ୍ତେ ବ୍ୟାକୁଳ ହୁଅନ୍ତି।

କାଂଚି ପୁରମ୍ ର ଅନ୍ୟ ମନ୍ଦିର ମାନଙ୍କର ରଥଯାତ୍ରା କାଂଚି କାମାକ୍ଷୀ ମନ୍ଦିରର ଚାରି ପାଖରେ ଘେରା ଲଗାନ୍ତି, କାରଣ କାମାକ୍ଷୀ ଦେବୀ କାଂଚିର ପ୍ରମୁଖ ଆରାଧ୍ୟ ଦେବୀ ଅଟନ୍ତି।

# ଯାହା ପାଇଁ ଜାତୀୟ ବିଜ୍ଞାନ ଦିବସ !



ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ଏସିଆର ପ୍ରଥମ ବ୍ୟକ୍ତି ସାର୍ ପ୍ରଫେସର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଦକ୍ଷିଣ ଭାରତର ତ୍ରିଚିନାପଲ୍ଲୀ ସହରର ଥିରୁଭାନାଇକାଭାଲ ଗ୍ରାମର ଚନ୍ଦ୍ରଶେଖର ଆୟାରଙ୍କ ଔରସ ଏବଂ ମାତାପାର୍ବତୀ ଅମ୍ମଲଙ୍କ ଗର୍ଭରୁ, ୧୮୮୮ ମସିହା ନଭେମ୍ବର ସାତ ତାରିଖରେ ଜନ୍ମିତ ଏହି ବ୍ୟକ୍ତି, ମାତ୍ର ୧୧ବର୍ଷରେ ମାଟ୍ରିକ,୧୩ ବର୍ଷରେ ଆଇ.ଏ ପାଶ୍ କରି, ମାନ୍ଦ୍ରାଜର ପ୍ରେସିଡେନସି କଲେଜର ବି.ଏ ପଢିବା ପାଇଁ ନାମ ଲେଖାଇ ସମସ୍ତଙ୍କୁ ଚକିତ କରିଦେଇଥିଲେ। ରୁଗ୍ଣ ଶରୀର ଏବଂ କମ ବୟସ ପାଇଁ, ଇଂରାଜୀ ଅଧ୍ୟାପକ ଇ.ଏଚ୍.ଇଲିୟାଟଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେ ପ୍ରଶ୍ନ କରିଥିଲେ ତୁମେ କଣ ଏଇ ଶ୍ରେଣୀର ପିଲା ? ତାଙ୍କର ଅସ୍ତି ବାଚକ ଉତର ହାସ୍ୟ ଉଦ୍ରେକ କରିଥିଲା ସହପାଠୀ ମାନଙ୍କ ମଧ୍ୟରେ। ପରେ ପରେ ଅଧ୍ୟାପକଙ୍କ ସମସ୍ତ କଠିନ ପ୍ରଶ୍ନର ସ୍ପଷ୍ଟ ଏବଂ ସଠିକ୍ ଉତରରେ ସ୍ତବ୍ଧ ହୋଇଯାଇଥିଲା ସମଗ୍ର ପରିବେଶ। ଯେଉଁ କେତେ ଜଣ ଭାରତୀୟ ବୈଜ୍ଞାନିକ, ନିଜର ଅକ୍ଲାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ବଳରେ ବିଶ୍ୱବନ୍ଦିତ ହୋଇପାରିଛନ୍ତି, ତନ୍ମଧ୍ୟରୁ ରମଣ ଅନ୍ୟତମ। ଚାଟଶାଳୀରେ ବାଲ୍ୟଶିକ୍ଷା ଠାରୁ ଆରମ୍ଭ କରି ପ୍ରେସିଡେନସି କଲେଜରେ ପଦାର୍ଥ ବିଜ୍ଞାନରେ ଏମ,ଏ ପଢିବା ପର୍ଯ୍ୟନ୍ତ ସମସ୍ତ ଶ୍ରେଣୀରେ ସେ ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଏପରିକି ଏମ,ଏ ପଢିବା ସମୟର ଦୁଇ ବର୍ଷରୁ ସେ ମାତ୍ର ଗୋଟିଏ ଦିନ, ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଆର୍.ଏଲ୍.ଜୋନସ୍ଙ୍କ, ଆଲୋକ ଉପକରଣ ସମ୍ବନ୍ଧୀୟ ଏକ ଆଲୋଚନା ଶୁଣିବା ପାଇଁ ଯାଇଥିଲେ। ପଦାର୍ଥ ବିଜ୍ଞାନର ସମସ୍ତ କ୍ଲିଷ୍ଟ ବିଷୟକୁ, ଅଧ୍ୟାପକଙ୍କର ବିନା ସାହାଯ୍ୟରେ ଅକ୍ଲେଶରେ ବୁଝି ପାରୁଥିବାରୁ, ସେ ସମୟକୁ ରମଣ, ଗବେଷଣା କାର୍ଯ୍ୟରେ ବିନିଯୋଗ କରୁଥିଲେ। ବିଜ୍ଞାନର ଆକର୍ଷଣ ଏବଂ ତତ୍ସମ୍ବନ୍ଧୀୟ ଗବେଷଣା ନିମନ୍ତେ ସମୟ ଦେବା ଯୋଗୁ ସେ ସରକାରୀ ନିଯୁକ୍ତି ପାଇଁ ଆଗ୍ରହୀ ନଥିଲେ। ପରିବାର ସଦସ୍ୟଙ୍କ ଚାପରେ, ପରୀକ୍ଷା ଦେଇ, ସେ ମାତ୍ର ୧୯ ବର୍ଷରେ, କଲିକତାରେ , ଅର୍ଥ ବିଭାଗର ସହକାରୀ ଏକାଉଂଟାଂଟ ଜେନେରାଲ ପରି ମର୍ଯ୍ୟାଦା ଜନକ ପଦବୀରେ ନିଯୁକ୍ତି ପାଇଲେ। ତାଙ୍କର କର୍ତବ୍ୟନିଷ୍ଠା , ଶୃଙ୍ଖଳା ଏବଂ ସର୍ବୋପରି କର୍ମ ଦକ୍ଷତା ଯୋଗୁ, ଅଫିସ୍‌ରେ ସେ ସମସ୍ତଙ୍କ ପ୍ରିୟ ପାତ୍ର ହୋଇପାରିଥିଲେ, ମାତ୍ର ସେ ଏଥିରେ ସନ୍ତୁଷ୍ଟ ନଥିଲେ। ଦିନ ୧୦ଟାରୁ ୫ଟା ପର୍ଯ୍ୟନ୍ତ ଅଫିସ କାମକୁ ଛାଡିଦେଲେ, ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଖୁବ୍ କମ ସମୟ ବିନିଯୋଗ କରି ଅବଶିଷ୍ଟ ସମୟରେ ସେ କେବଳ ଗବେଷଣା ରେ ନିମଗ୍ନ ରହୁଥିଲେ। ଗବେଷଣା ପାଇଁ ସେ ଉପଯୁକ୍ତ ପରିବେଶ ଏବଂ ସହଯୋଗ ପାଇ ପାରୁନଥିଲେ। ଦିନେ ଅଫିସ୍‌ରୁ ଫେରିବାବେଳେ, ବଡବଜାର ଷ୍ଟ୍ରିଟ୍ ର ଗୋଟିଏ ଘରେ, (ଭାରତୀୟ ବିଜ୍ଞାନ ସଂସଦ) ଲେଖା ସାଇନ୍‌ବୋର୍ଡଟିଏ ଝୁଲୁଥିବାର ଦେଖି, ଭାରି ଖୁସି ହୋଇଗଲେ। ଏହି ସଂସ୍ଥାର ପ୍ରତିଷ୍ଠାତା ଡକ୍ଟର ମହେନ୍ଦ୍ରଲାଲ୍ ସରକାରଙ୍କ ସହିତ ସାକ୍ଷାତକରି, ବିଜ୍ଞାନର ଉନ୍ନତି ନିମନ୍ତେ ଉଭୟେ ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଥିଲେ। ରମଣ ଯଦିଓ ଆଲୋକର ବିକିରଣ ଉପରେ ସ୍ୱତନ୍ତ୍ର ଭାବରେ ଗବେଷଣା କରୁଥିଲେ ତଥାପି ବିଭିନ୍ନ ବାଦ୍ୟଯନ୍ତ୍ରରୁ କିପରି ବିଭିନ୍ନ ପ୍ରକାର ଶବ୍ଦ ଉତ୍ପନ୍ନ ହେଉଛି, ତା ବିଷୟରେ ଏକ ତଥ୍ୟ ସମ୍ବଳିତ ପତ୍ର ଲଣ୍ଡନର ଧ୍ୱନି ବିଜ୍ଞାନର ଗବେଷକ ଲର୍ଡର୍ୟାଲେଙ୍କ ନିକଟକୁ ପଠାଇଥିଲେ। ଲର୍ଡର୍ୟାଲେ ଏହି ତଥ୍ୟଟିକୁ ପଢି ସାରିବା ପରେ, ରମଣଙ୍କୁ ଉଚ୍ଚ ପ୍ରଶଂସା କରି ଏକ ଉତର ପତ୍ର ପଠାଇଥିଲେ, ଯାହାକୁ ଦେଖି ଭାରତର ବୈଜ୍ଞାନିକ ଏବଂ ଜ୍ଞାନୀ ଲୋକ ମାନେ, ରମଣଙ୍କ ପରି ୨୦/୨୧ବର୍ଷର ଜଣେ ଯୁବକ ଯେ ଏତେ ଜ୍ଞାନର ଅଧିକାରୀ ,ଏହା କଳ୍ପନା କରି ପାରିନଥିଲେ। ୧୯୧୦ ମସିହାରେ , ଚାକିରୀରେ ପଦୋନ୍ନତି ଯୋଗୁ ତାଙ୍କୁ କଲିକତା ଛାଡି ରେଙ୍ଗୁନ ଯିବାକୁ ପଡିଲା। ରେଙ୍ଗୁନରେ ଗବେଷଣାର ସୁବିଧା ନଥିବାରୁ, ରେଙ୍ଗୁନ ଯିବାକୁ ଅନିଚ୍ଛୁକ ଥିଲେ ବି ପରିସ୍ଥିତି ଚାପରେ ସେ ସେଠାରେ ଯୋଗଦାନ କରି ଠିକ ବର୍ଷକ ପରେ ପୁଣି କଲିକତାକୁ ବଦଳି ହୋଇଆସିଲେ। ଇତ୍ୟବସରରେ ତାଙ୍କର କେତେକ ମୌଳିକ ଲେଖା ନିମନ୍ତେ , ବୈଜ୍ଞାନିକ ହିସାବରେସେ ଖ୍ୟାତିଲାଭ କରିସାରିଥିଲେ। ଅର୍ଥ ବିଭାଗର ଅଧିକ ବେତନର ମୋହ ତ୍ୟାଗକରି, ବିଜ୍ଞାନର ନିଶା ଯୋଗୁ, ସେ କଲିକତା ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ଶ୍ରେଣୀରେ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ। ଯଦି ସେ ଅର୍ଥ ବିଭାଗର ଚାକିରୀ ପରିତ୍ୟାଗ କରି , ବିଜ୍ଞାନର ଅଧ୍ୟାପକ ଭାବରେ କାର୍ଯ୍ୟ କରିନଥାନ୍ତେ, ତେବେ ଭାରତବର୍ଷ, ତାଙ୍କପରି ବିଶ୍ୱବନ୍ଦିତ ନୋବେଲ ବିଜୟୀ ବୈଜ୍ଞାନିକଙ୍କୁ ପାଇବାର ସୁଯୋଗ ହରାଇଥାନ୍ତା ବୋଲି ମତ ପୋଷଣ କରିଥିଲେ, ଚକ୍ରବର୍ତୀ ରାଜଗୋପାଳଚାରୀ। ୧୯୦୬ରେ ବି.ଏ.ପଢୁଥିବା ସମୟରେ ମାତ୍ର ୧୮ ବର୍ଷ ବୟସରେ , ତାଙ୍କ ଦ୍ୱାରା ଲିଖିତ "ଆଲୋକର ବିଚ୍ଛୁରଣ" ନାମକ ଏକ ବିଜ୍ଞାନ ସନ୍ଦର୍ଭ , ଫିଲୋସଫିକାଲ ନାମକ ଏକ ବ୍ରିଟିଶ୍ ଜର୍ନାଲରେ ପ୍ରକାଶିତ ହୋଇଥିଲା।୧୯୨୮ ମସିହା ଫେବୃୟାରୀ ୨୮ ତାରିଖରେ ସେ ଆଲୋକର ବିକିରଣ ସମ୍ବନ୍ଧୀୟ ଏକ ଚମକପ୍ରଦ ତଥ୍ୟ ଉପସ୍ଥାପନା କରିଥିଲେ, ଯାହାକି "ରମଣ ଇଫେକ୍ଟ"ନାମରେ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ ଏହି ଦିବସଟିକୁ ଭାରତ ସରକାରଙ୍କ ତରଫରୁ ପ୍ରତ୍ୟେକ ବର୍ଷ "ଜାତୀୟ ବିଜ୍ଞାନ ଦିବସ"ରୂପେ ପାଳନ କରାଯାଉଅଛି। ଫ୍ରାନସ୍ ବୈଜ୍ଞାନିକ ଜେ.କାବାନେସ, ଜର୍ମାନ୍ ବୈଜ୍ଞାନିକ ପି.ପ୍ରଙ୍ଗସେ ଓ ଭାରତର ଏଲ୍.ଏ.ରାମଦାସ୍ ରମଣଙ୍କ ସନ୍ଦର୍ଭକୁ "ରମଣ ସିଦ୍ଧାନ୍ତ" ନାମରେ ବିଶ୍ୱ ବିଖ୍ୟାତ କରାଇଥିଲେ ଏବଂ ଏହି ସିଦ୍ଧାନ୍ତ ପାଇଁ ସେ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ।୧୯୩୩ ମସିହାରେ ବାଙ୍ଗାଲୋରସ୍ଥିତ, ଇଣ୍ଡିଆନ ସୋସାଇଟି ଅଫ ସାଇନସ୍ ର ପ୍ରଥମ ଭାରତୀୟ ନିର୍ଦ୍ଦେଶକ ଭାବରେ ଯୋଗଦାନ କରିଥିଲେ। ସେହିବର୍ଷ ସେଠାରେ ସେ, ଇଣ୍ଡିଆନ ଆକାଡେମୀ ଅଫ ସାଇନସ ନାମକ ଏକ ଅନୁଷ୍ଠାନ ସ୍ଥାପନା କରିଥିଲେ।୧୯୪୮ ରେ ତାଙ୍କ ଦ୍ୱାରା "ରମଣ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ"ସ୍ଥାପିତ ହୋଇଥିଲା,ଯେଉଁଠିରେ ସେ ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ଜୀବନକାଳ ମଧ୍ୟରେ ରମଣ ଅନେକ ସମ୍ମାନ ଓ ପୁରସ୍କାର ପାଇଥିଲେ, ତନ୍ମଧ୍ୟରୁ ୧୯୧୨ରେ କର୍ଜନ ରିସର୍ଚ୍ଚ ଆୱାର୍ଡ,୧୯୧୩ରେ ଉଡବର୍ନ ରିସର୍ଚ୍ଚ ମେଡାଲ୍,୧୯୩୦ରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ ଉପାଧି, ସେହି ବର୍ଷ ଭାରତର ପ୍ରଥମ ବୈଜ୍ଞାନିକ ଭାବରେ ନୋବେଲ ପୁରସ୍କାର ଏବଂ ଲଣ୍ଡନର ରୟାଲ ସୋସାଇଟିରୁ ହ୍ୟୁଗସ୍ ପଦକ,୧୯୪୧ରେ ଫିଲାଡେଲଫିଆସ୍ଥିତ ଫ୍ରାଙ୍କଲିନ ଇନଷ୍ଟିଚ୍ୟୁଟ ଦ୍ୱାରା ଫ୍ରାଙ୍କଲିନ ମେଡାଲ,୧୯୫୪ରେ ଭାରତ ସରକାରଙ୍କ ଦ୍ୱାରା ଭାରତରତ୍ନ ଏବଂ ୧୯୫୭ରେ ଋଷ ସରକାରଙ୍କ ଦ୍ୱାରା ଲେନିନ୍ ପୁରସ୍କାର ଇତ୍ୟାଦି ଅନେକ ସମ୍ମାନ ପାଇଥିଲେ। ବିଜ୍ଞାନ କ୍ଷେତ୍ରରେ ରମଣଙ୍କ ଦକ୍ଷତା ଓ ଅବଦାନ, ବିଶ୍ୱସ୍ତରରେ ଭାରତୀୟ ବୈଜ୍ଞାନିକ ମାନଙ୍କ ସମ୍ମାନ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥିଲା।୧୯୬୯ ମସିହା ଅକ୍ଟୋବର ମାସରେ ଗବେଷଣାଗାରରେ କାର୍ଯ୍ୟରତ ଥିବା ସମୟରେ ସେ ହୃଦ୍‌ଘାତର ଶିକାର ହୋଇଥିଲେ। ଚିକିତ୍ସା ଫଳରେ ସେ ଆଉ କିଛିଦିନ ବଂଚି ରହିଥିଲେ, କିନ୍ତୁ ୧୯୭୦ ମସିହା ନଭେମ୍ବର ମାସ ୨୧ ତାରିଖ ଦିନ ଭାରତର ବିଜ୍ଞାନାକାଶରୁ ଏହି ଉଜ୍ଜଳମୟ ନକ୍ଷତ୍ର ସବୁଦିନ ପାଇଁ ଅସ୍ତ ହୋଇଯାଇଥିଲା। ମୃତ୍ୟୁପୁର୍ବରୁ , ତାଙ୍କ ବିଜ୍ଞାନ ଆକାଡେମୀର ଜର୍ନାଲଟିକୁ ଚଲାଇ ରଖିବା ନିମନ୍ତେ ସେ ତାଙ୍କର ଜଣେ ପ୍ରାକ୍ତନ ଛାତ୍ରଙ୍କୁ ଅନୁରୋଧ କରଥିଲେ। ତାଙ୍କର ଶେଷ ଇଚ୍ଛା ଅନୁଯାୟୀ, ତାଙ୍କ ମରଶରୀରକୁ ବିନା କୌଣସି ଆଡମ୍ବରରେ,"ରମଣ ଗବେଷଣା କେନ୍ଦ୍ର"ର ହତା ମଧ୍ୟରେ ସମାଧି ଦିଆଯାଇଥିଲା।

# ଶ୍ରୀଲିଙ୍ଗରାଜ ମନ୍ଦିରକୁ ପଲିଥିନ୍, ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ ଉଠିଲା ଦାବି




ଭୁବନେଶ୍ୱର (ପିଏନ୍): ଜାଗର ଯାତ୍ରା। ଏ ନେଇ ଚଳଚଞ୍ଚଳ ଏକାମ୍ର କ୍ଷେତ୍ର। ଏକାମ୍ର କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ ଓ ସାନ୍ନିଧ୍ୟ ଲାଭ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଜାଗର ସମୟରେ ଲକ୍ଷାଧିକ ଭକ୍ତ, ଶ୍ରଦ୍ଧାଳୁ, ସାଧୁ, ସନ୍ନ୍ୟାସୀମାନଙ୍କ ସମାଗମ ହୋଇଥାଏ। ଠାକୁରଙ୍କ ନିକଟରେ ଭୋଗ କରିବା ହେଉ କି ଦୀପ ଜାଳିବା ହେଉ ଅନେକ ଭକ୍ତ ମନ୍ଦିର ଭିତରକୁ ପଲିଥିନ୍, ପ୍ଲାଷ୍ଟିକ ଦ୍ରବ୍ୟ ଇତ୍ୟାଦି ଭୋଗ ସାଥିରେ ନେଇ ଆସିଥାନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ମନ୍ଦିର ବେଢା ଭିତରେ ଏଣେ ତେଣେ ଫୋପାଡ଼ି ଚାଲି ଯାଇଥାନ୍ତି। ଯଦ୍ୱାରା ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମନ୍ଦିରର ପରିବେଶ ଓ ସୌନ୍ଦର୍ଯ୍ୟ ବିଗିଡ଼ି ଯାଇଥାଏ। ପରବର୍ତ୍ତୀ ସମୟରେ ଯେତେବେଳେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସଫେଇ ହୁଏ ସେଗୁଡ଼ିକ ମନ୍ଦିର ବାହାରେ ଆଣି ଗଦାଇଥାନ୍ତି। ବାହାରେ ଏଣେ ତେଣେ ବୁଲୁଥିବା ବୁଲା ଗୋରୁ, ଗାଈ, ଷଣ୍ଢ ଇତ୍ୟାଦି ଜୀବ ଏଗୁଡ଼ିକୁ ଖାଇ ମୃତ୍ୟୁବରଣ କରିଥାନ୍ତି। ଏତଦ୍‌ସହ କିଛି ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରେ ପାନ, ଗୁଟ୍‌ଖା, ବିଡ଼ି, ସିଗାରେଟ୍, ଗଞ୍ଜେଇ ଏବଂ ମଦ ପରି ମାଦକ ଦ୍ରବ୍ୟକୁ ବ୍ୟବହାର କରିଥାନ୍ତି। ଯାହ ମନ୍ଦିର ସଫେଇ ସମୟରେ ନଜରକୁ ଆସିଥାଏ। ଏଣୁ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ସହ ସମ୍ପୂର୍ଣ୍ଣ ରୂପେ ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ କଟକଣା ଜାରି ହେଉ ବୋଲି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଏ ନେଇ ଶ୍ରୀ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି।

# ଭାବନା, କାମନା ଓ ପରିକଳ୍ପନା ଦ୍ୱାରା ଏକ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି ହୋଇଥାଏ: ବାଚସ୍ପତି



ଫୁଲନଖରା (ପିଏନ୍)-ରାଜ୍ୟର ସର୍ବପ୍ରଥମ ରଙ୍ଗୀନ ଦୈନିକ ଓଡ଼ିଆ ଖବରକାଗଜ 'ସମୟ'ର ୨୫ତମ ବାର୍ଷିକ ସମାରୋହ ସଦର ଥାନା ଅନ୍ତର୍ଗତ ମୀରା କୋର୍ଟୟାର୍ଡ଼ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବିଧାନସଭାର ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥିରୂପେ ଯୋଗଦେଇ 'ଆଗାମୀ ଦଶନ୍ଧିରେ ଓଡ଼ିଶା' ଶୀର୍ଷକ ଏକ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରି ପ୍ରଥମେ ଭାବନା ତା'ପରେ କାମନା ଓ ପରେ ପରିକଳ୍ପନା ଦ୍ୱାରା ଏକ ସୁନେଲୀ ଭବିଷ୍ୟତର ସମ୍ଭାବନା ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ରାଜ୍ୟ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ହୋଇ ଶିକ୍ଷାର ବିକାଶ ହେଲେ ଅନ୍ୟ ସମସ୍ତ କ୍ଷେତ୍ରର ସାମଗ୍ରୀକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ପୂର୍ବତନ ସୂଚନା କମିଶନର ଶ୍ରୀ ଜଗଦାନନ୍ଦ ସମ୍ମାନିତ ଅତିଥିରୂପେ ଯୋଗଦେଇ ଆଗାମୀ ୧୦ବର୍ଷ ପାଇଁ ଆମକୁ ପକ୍କା ଘର, ଜୈବିକ କୃଷି, ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ, ଆଦିବାସୀଙ୍କ ବିକାଶ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ଦେଲେ ଏକ ସୁନ୍ଦର ତଥା ବିକଶିତ ଓଡ଼ିଶା ରୂପରେଖ ସାକାର ହେବବୋଲି ବର୍ଣ୍ଣନା କରିଥିଲେ। ଆପୋଲୋ ହସପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଆଲୋକ ଶ୍ରୀବାସ୍ତବ, ଆମ୍ରି ହସପିଟାଲ ମୁଖ୍ୟ ନୀଳନା ମୁଖାର୍ଜି, ଇା ଅଧିକାରୀ କିଶୋରମୋହନ ମହାନ୍ତି ପ୍ରମୁଖ ଆମନ୍ତ୍ରିତ ଅତିଥିଭାବେ ମଞ୍ଚାସୀନ ହୋଇ 'ସମୟ' ରାଜ୍ୟର ଅଗ୍ରଗତିରେ ସହାୟକ ହେଉଥିବା ବିଷୟ ସୂଚନା ଦେବା ସହିତ ଆଗାମୀ ଦଶ ବର୍ଷ ପାଇଁ ଏକ ଉନ୍ନତ ଓଡ଼ିଶା ଗଢ଼ିବା ଦିଗରେ କର୍ପୋରେଟ ହାଉସଗୁଡ଼ିକ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିରଂଜିବୀ ବିଶ୍ୱାଳ, ପ୍ରାକ୍ତନ ସାଂସଦ ତଥା 'ସମୟ'ର ପରିଚାଳନା ସମ୍ପାଦକ ରଂଜୀବ ବିଶ୍ୱାଳ, ତେଜଶ୍ରୀ ବିଶ୍ୱାଳ ଓ ଅନୀତା ବିଶ୍ୱାଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। 'ସମୟ' ପରିବାରର ସମସ୍ତ କର୍ମକର୍ତ୍ତା ଓ ଅଧିକାରୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ପ୍ରଶାସନିକ ଅଧିକାରୀ ସତ୍ୟନାରାୟଣ ମହାନ୍ତି ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଶେଷରେ ରାଜ୍ୟର ଲବ୍ଧପ୍ରତିଷ୍ଠିତ କଳାକାରଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଲଭ୍ ଟ୍ରି: ପ୍ରକୃତି ପ୍ରତି ସମର୍ପିତ ପ୍ରେମ




ଭୁବନେଶ୍ୱର (ପିଏନ୍): ବିଶ୍ୱବ୍ୟାପୀ 'ଭାଲେଣ୍ଟାଇନ୍ ଡ଼େ'କୁ ପ୍ରେମ ଦିବସ ରୂପେ ପାଳନ କରାଯାଉଥିବା ବେଳେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରଙ୍ଗ, ବେରଙ୍ଗ ମୁରୁଜରେ ଲଭ୍ ଟ୍ରି ତିଆରି କରି ଆସ ଆମେ ପ୍ରକୃତିକୁ ପ୍ରେମ କରିବାର ବଳିଷ୍ଠ ବାର୍ତ୍ତା ଭାଲେଣ୍ଟାଇନ୍ ଦିବସରେ ପ୍ରଦାନ କରିଛନ୍ତି। ସ୍ମାର୍ଟ ସିଟି ଭୁବନେଶ୍ୱରର ପାର୍କ ଠାରୁ ମଲ୍ ଯାଏ ସବୁଠି ପ୍ରେମ ସମ୍ଭାଷଣ ପାଇଁ ଗୋଲାପ ଫୁଲ, ଗ୍ରୀଟିଙ୍ଗସ୍, ଉପହାର ଦିଆନିଆ ଭିତରେ ଭାଲେଣ୍ଟାଇନ୍ ଡ଼େ' ପାଳନ ଦେଖିବାକୁ ମିଳିଥାଏ। ହେଲେ ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ରହୁଥିବା ସୁଶାନ୍ତ ହୃଦୟ ରୂପକ ବୃକ୍ଷକୁ ସ୍ଥାନିତ କରି ବିଶ୍ୱ ପ୍ରେମ ଦିବସରେ ଆସ ଆମେ ପ୍ରକୃତିକୁ ଭଲ ପାଇବାର ବାର୍ତ୍ତା ସହ ବୃକ୍ଷ ଉପହାର ଦେଇଛନ୍ତି।

## ବ୍ରହ୍ମେଶ୍ୱରରେ ମହାଶିବରାତ୍ରୀ, ୧୦ଟା ୨୦ରେ ଉଠିବ ମହାଦୀପ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ବ୍ରହ୍ମେଶ୍ୱର ମହାଦେବଙ୍କ ମହାଶିବରାତ୍ରୀ ପାଳନ ହୋଇଛି। ଚଳିତ ବର୍ଷ କୋଭିଡ୍ କଟକଣାରେ ଜାଗରଯାତ୍ରାରେ ଭକ୍ତ ଦର୍ଶନ କରିଛନ୍ତି। ସରକାରଙ୍କ ନିୟମକୁ ଦେଖି ନାମୀକଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ୭ଟାରେ ପରିବେଷଣ କରାଯାଇଥିଲା। ମନ୍ଦିର ନିକଟରେ ଆଇନ ଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରରେ ଭୋର ସାଢ଼େ ୪ଟାରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା ସେହିପରି ସନ୍ଧ୍ୟା ସାଢ଼େ ୬ଟାରୁ ମଧ ସାହାଣମେଲା ଦର୍ଶନ ହୋଇଥିଲା। ସଂଧ୍ୟା ସାଢ଼େ ୬ଟାରୁ ଭଜନ ସମାରୋହ କରାଯାଇଥିଲା। ଏଥିନେଇ ଶେଷ ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା। ଏଥିରେ ଲର୍ଡ଼ ବ୍ରହ୍ମେଶ୍ୱର ଦେବ ଟେମ୍ପୁଲ ଟ୍ରଷ୍ଟବୋର୍ଡ଼ର ଟ୍ରଷ୍ଟି କାହ୍ନୁ ଚରଣ ସାମନ୍ତରାୟ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପୁଷ୍ପା ଦାସ, ସ୍ଥାନୀୟ ମୁରବୀ ଶିବ କୃଷ୍ଣ ପଟ୍ଟନାୟକ, ଅଶୋକ ଦାସ, ଥାନା ଅଧିକାରୀ ଓ ସ୍ଥାନୀୟ ମୁରବୀମାନେ ସାମିଲ ହୋଇଥିଲେ।




# ବାଲେଶ୍ୱର ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି



ବାଲେଶ୍ୱର (ପିଏନ୍)- ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'ବାଲେଶ୍ୱର ପଲ୍ଲିଶ୍ରୀ ମେଳା' ୨୦୨୨ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗତକାଲି ଅପରାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଜୁନ ମାସ ପ୍ରଥମାର୍ଦ୍ଧରେ ସ୍ଥାନୀୟ ଆଇ.ଟି.ଆଇ.ପଡିଆଠାରେ ପଲ୍ଲିଶ୍ରୀ ମେଳାର ଆୟୋଜନ ନିମନ୍ତେ ନିଷ୍ପତି ନିଆଯିବା ସହିତ ଏହାର ରୂପରେଖ ଉପରେ ଆଲୋକପାତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଉପ-ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଏହି ବୈଠକରେ ଉପସ୍ଥିତ ରହି ମେଳାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ମେଳାରେ ଡିଆରଡିଏ, ଓରମାସ, ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଲାଇନ ଡିପାର୍ଟମେଂଟ ଏବଂ ଘରୋଇ ସଂସ୍ଥାର ଷ୍ଟଲ ସ୍ଥାନୀତ କରାଯିବା ନିମନ୍ତେ ନିଷ୍ପତି ହୋଇଥିଲା । ଏତଦବ୍ୟତୀତ ସାଂସ୍କୃତିକ ଓ ମନୋରଂଜନ କାର୍ଯ୍ୟକ୍ରମର ଆୟୋଜନ ପାଇଁ ମଧ୍ୟ ସହମତି ପ୍ରକାଶ ପାଇଥିଲା । ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଓ ପଡୋଶୀ ରାଜ୍ୟରୁ ବ୍ୟବସାୟିକ ସଂସ୍ଥା ଓ ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରିବାକୁ ଉପସ୍ଥିତ ସଦସ୍ୟମାନେ ମତ ରଖିଥିଲେ । ମେଳା ଆୟୋଜନ ନିମନ୍ତେ ବିଭିନ୍ନ କମିଟି ଗଠନ, ଆଇନଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ହୋର୍ଡିଂ ଓ ଷ୍ଟଲ୍ ସ୍ଥାପନ, ପାନୀୟ ଜଳ, ଅଗ୍ନିଶମ ବ୍ୟବସ୍ଥା, ମେଳାର ପ୍ରଚାର ଓ ପ୍ରସାର, ଉଦଘାଟନୀ ଓ ଉଦଯାପନୀ ଉତ୍ସବ ଇତ୍ୟାଦି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓରମାସ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମେଳାକୁ ଅଧିକ ଆକର୍ଷଣୀୟ ଓ ସଫଳ କରିବା ଲାଗି ସବୁ ସ୍ତରରେ ଉଦ୍ୟମ କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପରାମର୍ଶ ଦେଇଛନ୍ତି। ବୈଠକରେ ଓରମାସ ଉପମୁଖ୍ୟ ପରିଚାଳକ ଶ୍ରୀ ଜିତେନ୍ଦ୍ର ବିଶ୍ୱାଳ ମେଳା ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ ।

## ବ୍ଲକ ସ୍ତରୀୟ ମେଗା ସ୍ୱାସ୍ଥ୍ୟ ମେଳାରେ ୮୧୪ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭାଗବତପୁର ଗ୍ରାମ ପଞ୍ଚାୟତରେ ବ୍ଲକ ସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ଓ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବେହେରା କହିଲେ ଯେ ଲୋକମାନଙ୍କ ହାତ ପାହାନ୍ତାରେ ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବା ହେଉଛି ଏହି ଶିବିରର ମୁଖ୍ୟ ଉଦେଶ୍ୟ। ଡାକ୍ତରଖାନାକୁ ଯାଇ ଲେକେ ବିଭିନ୍ନ ସମୟରେ ହନ୍ତସନ୍ତ ହୁଅନ୍ତି। ଏଥିସହ ଦଲାଲଙ୍କ ହାବୁଡ଼ରେ ମଧ ପଡିଥାନ୍ତି। ହେଲେ ଏଭଳି ମେଳାରେ ଲୋକେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ପାଇ ପାରିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବୋଲି ବିଧାୟକ କହିଥିଲେ। ଡା. ଶ୍ରୀକାନ୍ତ ସ୍ୱାଇଁ, ଡା. ଖଗେଶ୍ୱର ନୟକ ପ୍ରମୁଖ ଏହି ମେଗା ସ୍ୱାସ୍ଥ୍ୟ ମେଳାକୁ ପରିଚାଳନା କରିଥିଲେ। ଏଥିରେ ଭେଷଜ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଚକ୍ଷୁରୋଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂ ି ରୋଗ ବିଶେଷଜ୍ଞ ପ୍ରମୁଖ ୨୫ଟି ବିଭାଗର ଡାକ୍ତରମାନେ ଯୋଗଦେଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଏହି ମେଳାରେ ୮୧୪ ଜଣ ରୋଗୀ ଚିକିତ୍ସିତ ହେବା ସହ ଆବଶ୍ୟକ ଡାକ୍ତରୀ ପରାମର୍ଶ ପାଇଥିଲେ। ଏହି ଅବସରରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବିଡିଓ ବନ୍ଦନା ଖଟୁଆ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗୀତାଞ୍ଜଳି ଦାସ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ମଞ୍ଜୁଶ୍ରୀ ବିଶ୍ୱାଳ ପ୍ରମୁଖ ସରକାରୀ ଅଧିକାରୀମାନେ ଯୋଗଦେଇ ଲୋକମାନଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ପ୍ରତିକାର ବ୍ୟବସ୍ଥା କରିଥିଲେ। ଏଥିରେ ବ୍ଲକ ଅଧକ୍ଷ ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ମହାପାତ୍ର, ଭାଗବତପୁର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସମିତିସଭ୍ୟା ପ୍ରମିଳା ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକମାନଙ୍କ ସମସ୍ୟା ଶୁଣିବା ସହ ପ୍ରତିକାର ବ୍ୟବସ୍ଥା ପାଇଁ ମରାମର୍ଶ ଦେଇଥିଲେ।

# ଶ୍ରୀ ସତ୍ୟସାଇ ସେବା ସମିତିରେ ଥାଲାସେମିଆ ଶିବିର ଓ ନିର୍ମଳଝରର ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମୀରପାଟଣା ଗ୍ରାମରେ ଥିବା ଶ୍ରୀ ସତ୍ୟସାଇ ସେବା ସମିତି ଓ କେନ୍ଦ୍ରାପଡା ଜିଲ୍ଲା ଶ୍ରୀ ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ଥାଲାସେମିଆ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡା. ହେମଲତା ଦାଶ ଯୋଗଦେଇ ୬୦ଜଣ ଥାଲାସେମିଆ ରୋଗୀଙ୍କ ଚିକିତ୍ସା କରିଥିଲେ। ଏଥିସହିତ ୩୭ଜଣ ଥାଲାସେମିଆ ରୋଗୀଙ୍କ ଅଲଟ୍ରାସାଉଣ୍ଡ ମଧ କରାଯାଇଥିଲା। ଶ୍ରୀ ସତ୍ୟସାଇ ସଂଗଠନ ଓଡିଶା, ଭୁବନେଶ୍ୱର ଏବଂ ଶ୍ରୀ ସତ୍ୟସାଇ ସେବା ସଂଗଠନ କେନ୍ଦ୍ରାପଡା ଜିଲ୍ଲାର ମିଳିତ ଆନୁକୂଲ୍ୟରେ ଅପରାହ୍ନରେ ଗୋପଛକସ୍ଥିତ ବିଶ୍ୱାଳ କମ୍ପ୍ଲେକ୍ସ ପରିସରରେ ଶ୍ରୀ ସତ୍ୟସାଇ ନିର୍ମଳଝରର(ଶୀତଳ ସୁଦ୍ଧ ପାନୀୟ ଜଳ)ର ଲୋକାର୍ପଣ କରାଯାଇଥିଲା। ଶ୍ରୀ ସତ୍ୟସାଇଙ୍କ ପୂଜନ, ଭଜନ ଓ ବେଦପାଠ ପରେ ନାରିକେଳ ବାଡାଯାଇ ଏହି ପବିତ୍ର ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ ପୂଜ୍ୟ ଜଗଦୀଶ ଚନ୍ନା ଓ ଭଉଣୀ ପୂଜ୍ୟା ମୀନାକୁମାରୀ ଚନ୍ନା। ରଜନୀକାନ୍ତ ଦାସ, ପ୍ର. ହିମାଂଶୁ ପରିଡା, ବ୍ରଜ କିଶୋର ବିଶ୍ୱାଳ, ରାମଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସଭାପତି ରାଧାକୃଷ୍ଣ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧରେ ବିଷ୍ଣୁ ଚରଣ ସାମଲ, ପ୍ରବୋଧ ପଣ୍ଡା, ପ୍ରବୋଧ ରାୟ, କାବେରୀ ଆଚାର୍ଯ୍ୟଙ୍କ ସମେତ ବହୁ ସାଇ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ। ଆବାହକ ନୃସିଂହ ଚରଣ ତ୍ରିପାଠୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ମାନବ ସେବା ହିଁ ମାଧବ ସେବାର ବାର୍ତ୍ତା ଦେଲେ ଅହମଦୀୟା ଯୁବ ସଂଗଠନ

ଖୋର୍ଦ୍ଧା (ପିଏନ୍): ୧୩/୫ ଅହମଦୀୟା ମୁସଲିମ ଯୁବସଂଗଠନ ପକ୍ଷରୁ ଖୋର୍ଦ୍ଧା ସହର ଓ୍ୱାର୍ଡ଼ ନଂ ୧୦ ଶାନ୍ତିଦାନ କଲୋନୀର ଗୋପବନ୍ଧୁ କୁଷ୍ଠାଶ୍ରମରେ ୨୫ ପରିବାରଙ୍କ ମଧରେ ଆବଶ୍ୟକୀୟ ବସ୍ତ୍ର ବଂଟନ କରାଯାଇଛି। କରୋନା କାଳ ଗରିବ ଲୋକମାନଙ୍କ ଆର୍ଥିକ ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦେଇଛି। ପୂର୍ବଭଳି ଆଉ କାମଧନ୍ଦା ନାହିଁ ଏବଂ ରୋଜଗାରର କୌଣସି ସାଧନ ନାହିଁ। ଯାହାଫଳରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଭତା ମିଳି ପାରୁଥିଲେ ମଧ ମାସଯାକ ପାଇଁ ଯଥେଷ୍ଟ ନୁହେଁ। ଅହମଦୀୟା ମୁସଲିମ ଯୁବସଂଗଠନ ଏପରି ଗରିବ ଦୀନ ଦରିଦ୍ର ଲୋକଙ୍କ ସେବାକୁ ହିଁ ମାଧବ ସେବା ବୋଲି ବିଶ୍ୱାସ କରି ମାନବ କଲ୍ୟାଣକାରୀ ସେବା କାର୍ଯ୍ୟ କରି ଆସୁଛି। ଏହି କାର୍ଯ୍ୟକ୍ରମରେ ଅହମଦୀୟା ମୁସଲିମ ଯୁବସଂଗଠନର ଜିଲ୍ଲା ସଭାପତି ତବରେଜ ଅହମଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଖୋର୍ଦ୍ଧା ଅହମଦୀୟା ମୁସଲିମ ଯୁବସଂଗଠନ କେରଙ୍ଗର ପୂର୍ବ ସଭାପତି ସେକ ହବିବ, ଉସମାନ ଖାଁ ଏବଂ ଓସିମ ଖାଁ ଯୋଗ ଦେଇଥିଲେ। ପ୍ରକାଶ ଥାଉ କି ଅହମଦୀୟା ମୁସଲିମ ସଂଗଠନ ସମଗ୍ର ଦେଶରେ ହଜାର ହଜାର ସଂଖ୍ୟାରେ ଗରିବ ଲୋକମାନଙ୍କୁ ସାହାଯ୍ୟ ଓ ସହଯୋଗ କରି ଆସୁଛି। ଆଗକୁ ଏହିଭଳି ଆହୁରୀ କାର୍ଯ୍ୟକ୍ରମ ରହିଛି ବୋଲି ଯୁବସଂଗଠନର ଜିଲ୍ଲା ସଭାପତି ତବରେଜ ଅହମଦ ସୂଚନା ଦେଇଛନ୍ତି।

# ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ସଂସ୍କାର

ଓଡ଼ିଶା ସରକାର ସର୍ବଶେଷ ସୂଚନା ପ୍ରଯୁକ୍ତି ଓ ସାମାଜିକ ଗଣମାଧମର ବ୍ୟବହାର କରି ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ନୂଆ ପ୍ରକାର ବ୍ୟବସ୍ଥା ଆପଣାଉଛନ୍ତି। ଦିନକୁ ଦିନ ଲୋକମାନେ ସୋସିଆଲ ମିଡ଼ିଆ ସହିତ ଅତ୍ୟନ୍ତ ସକ୍ରିୟ ରହୁଛନ୍ତି ଓ ହାତପାହାନ୍ତାରେ ଥିବା ମୋଇବାଲ ମାନଙ୍କରେ ସରକାରଙ୍କ ପ୍ରଦତ୍ତ ସର୍ବଶେଷ ତଥ୍ୟ ଓ ସଚେତନତା ଜାଣି ପାରୁଛନ୍ତି। ତେବେ ଏହା ଭିତରେ ଏକ ବଡ଼କଥା ହେଉଛି, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଲାଗି ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି। ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଥିବା ମାନୁଆଲ ବ୍ୟବସ୍ଥା ବଦଳରେ ଡିଜିଟାଲ ବା କମ୍ପ୍ୟୁଟରୀକରଣ କରାଯାଉଛି। ଏଥିଲାଗି ଅଟୋମେଟିକ ବା ସ୍ୱୟଂ ଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ବ୍ୟବସ୍ଥାର ପ୍ରଚଳନ ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ୧୯ଟି ଆରଟିଓରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଥିଲାଗି ଅତ୍ୟାଧୁନିକ ଡ୍ରାଇଭିଂ ପରୀକ୍ଷଣ ଟ୍ରାକ ସ୍ଥାପନ କରାଯାଉଛି।

ସୂଚନାଯୋଗ୍ୟ ଯେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହେଲେ ପ୍ରତ୍ୟେକଙ୍କୁ ଡ୍ରାଇଭିଂ ସ୍କିଲ ଟେଷ୍ଟ ଦେବାକୁ ପଡ଼ିଥାଏ। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଜଣେ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ଏହି ପରୀକ୍ଷା ଦେବାକୁ ପଡୁଛି। ପରୀକ୍ଷା ଶେଷରେ ଏହି ଅଧିକାରୀ ନିଷ୍ପତ୍ତି ନିଅନ୍ତି ଯେ ଆପଣଙ୍କର ଡ୍ରାଇଭିଂ କରିବାର କ୍ଷମତା ଅଛି କି ନାହିଁ। ଏହି ପ୍ରଚଳିତ ବ୍ୟବସ୍ଥା ଶୀଘ୍ର ଇତିହାସ ହେବାକୁ ଯାଉଛି। ଏବେ ଡ୍ରାଇଭିଂ ଦକ୍ଷତା ବିଷୟରେ ନିଷ୍ପତ୍ତି କ୍ୟାମେରା, ସେନ୍ସର ଏବଂ କମ୍ପ୍ୟୁଟର ଉପରେ ନ୍ୟସ୍ତ କରାଯିବ। ଏଥିଲାଗି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଟେଷ୍ଟ ସିଷ୍ଟମକୁ ଅପଗ୍ରେଡ଼ କରାଯାଉଛି।

ନୂତନ ବ୍ୟବସ୍ଥାରେ କେବଳ ଆବେଦନକାରୀଙ୍କ କେବଳ ଡ୍ରାଇଭିଂ ଦକ୍ଷତା ଯାଞ୍ଚ ହେବନାହିଁ ବରଂ ଲାଇସେନ୍ସ ପ୍ରଦାନ କରିବାକ ସମୟରେ ସ୍ୱଚ୍ଛତାକୁ ମଧ ସୁନିଶ୍ଚିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୯ଟି ଆରଟିଓରେ ଡ୍ରାଇଭିଂ ପରୀକ୍ଷଣ ଟ୍ରାକରେ ଏଡିଟିଏସ ସ୍ଥାପନ କରାଯିବ। ଭିଡ଼ିଓ ଆନାଲିଟିକ୍ସ ଟେକ୍ନୋଲୋଜି ଏବଂ କ୍ୟାମେରା ଏବଂ ସେନ୍ସରର ବ୍ୟବହାର କରି ଏହି ସିଷ୍ଟମ ଏକ ଅତ୍ୟାଧୁନିକ ସେଟଅପ ପ୍ରଦର୍ଶିତ ହେବ। ଯାନଗୁଡ଼ିକର ପ୍ରବେଶ ଠାରୁ ଆରମ୍ଭ କରି ଏହାର ଯାଞ୍ଚ ସବୁକିଛି ଡିଜିଟାଲ ପଦ୍ଧତିରେ ସୁନିଶ୍ଚିତ କରାଯିବ। ଟ୍ରାକରେ ଫିଟ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହା ଉପରେ ନଜର ରଖିବ ଏବଂ ଆବେଦନକାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏକାଧିକ ହୋଇ ଡେଫିନେସନ କ୍ୟାମେରା ସହିତ ବୈଜ୍ଞାନିକ ପଦ୍ଧତିରେ ପରିକଳ୍ପିତ ସିଷ୍ଟମକୁ ଆବେଦନକାରୀଙ୍କ ଡ୍ରାଇଭିଂ ଦକ୍ଷତାର ମୂଲ୍ୟାଙ୍କନ କରିବାକୁ ସଜାଗ ରଖାଯିବ। ଟ୍ରାକ ଗୁଡ଼ିକ ସେନ୍ସର ସହିତ ଲାଇନ ହେବ, ପରୀକ୍ଷଣ ସମୟରେ ସେନ୍ସରକୁ ମାରିବା ଦ୍ୱାରା ମାର୍କ ନଷ୍ଟ ହେବ।


ଆବେଦନକାରୀଙ୍କ ଦକ୍ଷତା ପରୀକ୍ଷା ସିଟ ବେଲ୍ଟ, ପାଥ ପରିବର୍ତ୍ତନ, ଗାଡ଼ି ଚାଳନା, ଷ୍ଟପ ଲାଇନ, ଅପ ଗ୍ରେଡିଏଣ୍ଟ, ଫରୱାର୍ଡ଼-୮, ରିଭର୍ସ ଏସ ଏବଂ ଟ୍ରାଫିକ ଜଙ୍କସନ ପରି ପାରାମିଟର ଉପରେ ବିଚାର କରାଯିବ। ସେଠାରେ ଏକ ଏଲଇଡି ଟେଲିଭିଜନ ସହିତ ସଜ୍ଜିତ ହେବ ଯାହା କ୍ରମାଗତ ଭାବରେ ପାସ ଖେଳିବ ଏବଂ ଏଲଏମଭି ଏବଂ ମୋଟର ସାଇକେଲ ଲାଗି ଭିଡ଼ିଓ ବିଫଳ ହେବ। ପରୀକ୍ଷା ସମୟରେ ଯଥାଶୀଘ୍ର ଆବେଦନକାରୀଙ୍କ ପରୀକ୍ଷା ଫଳାଫଳ ପାସ କିମ୍ବା ଫେଲ ପ୍ରଦର୍ଶନ କରିବାକୁ ପ୍ରତ୍ୟେକ ଭେରିଏବଲ ମେସେଜିଂ ସମସ୍ତ ପରୀକ୍ଷା ଟ୍ରାକରେ ରଖାଯିବ। ୧୦ ସେକେଣ୍ଡ ମଧରେ ଫଳାଫଳ ଜଣାପଡ଼ିବ। ସମ୍ପୃକ୍ତ ପରୀକ୍ଷଣ ସମାପ୍ତ ହେବା ପରେ, ସ୍ମାର୍ଟ ଫୋନରେ ପାସ ବା ଫେଲର ବାର୍ତ୍ତା ପ୍ରଦର୍ଶିତ ହେବ। ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ଦକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷଣ ପାଇଁ ଉନ୍ନତ ପ୍ରଶିକ୍ଷଣ ପଦ୍ଧତି ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ ଓ ସମଗ୍ର ପ୍ରକ୍ରିୟା ସଠିକତାକୁ ସୁନିଶ୍ଚିତ କରିବ।

## ଲାୟନ୍ସ କ୍ଲବର ସଭ୍ୟମାନଙ୍କ ଶାନ୍ତି ଶୋଭାଯାତ୍ରା ଓ ନୂତନ କର୍ମକ ର୍ତ୍ତା ଚୟନ




ଭୁବନେଶ୍ୱର (ପିଏନ୍): ଲାୟନ୍ସ କ୍ଲବ ଜିଲ୍ଲା ୩୨୨ସି୪ର ନବମ ବାର୍ଷିକ ସମ୍ମିଳନୀ ହୋଟେଲ ଏକ୍ସଲେନ୍ସିଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୬.୩୦ ମିନିଟ୍ ସମୟରେ ଭୁବନେଶ୍ୱରଠାରୁ ନବରଙ୍ଗପୁର ପର୍ଯ୍ୟନ୍ତ ୪୫ଟି କ୍ଲବର ୧୫୦୦ ଲାୟନ ସଭ୍ୟମାନେ ଏକ ଶାନ୍ତି ପଦଯାତ୍ରା କରି ଭୁବନେଶ୍ୱର ଇନ୍ଦିରା ପାର୍କଠାରୁ ମାଷ୍ଟର କ୍ୟା ିନ ଛକ ପର୍ଯ୍ୟନ୍ତ ସେମାନଙ୍କ କ୍ଲବର ବିଭିନ୍ନ ସେବାମୂଳକ କାର୍ଯ୍ୟର ପ୍ଲାକାର୍ଡ଼ ଧରି ପହଞ୍ଚିଥିଲେ। ଜିଲ୍ଲା ଗଭର୍ଣ୍ଣର ଲାୟନ ଇଂ ପୂର୍ଣ୍ଣଚନ୍ଦ୍ର ପାଢୀ ଜାତୀୟ ପତାକା ଏବଂ ଲାୟନ୍ସ ପତାକା ଉ ୋଳନ କରିଥିଲେ। ଏହି ପଦଯାତ୍ରାରେ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀର ସଭ୍ୟମାନଙ୍କର ଶୃଙ୍ଖଳା, ସୁନ୍ଦର ସମପୋଷକ, ପ୍ଲାକାର୍ଡ଼ ଏବଂ ବହୁ ସଂଖ୍ୟକ ସଭ୍ୟ ଯୋଗଦାନ ଯୋଗୁ ପ୍ରଥମ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଆସନ୍ତା ବର୍ଷ ନିମନ୍ତେ ଲାୟନ ଇଂ ସୁରେଶ ଚନ୍ଦ୍ର ନାୟକ ନୂତନ ଜିଲ୍ଲା ଗଭର୍ଣ୍ଣର, ଲାୟନ କୋଟେଶ୍ୱର ରାଓ ପ୍ରଥମ ଉପଜିଲ୍ଲା ଗଭର୍ଣ୍ଣର, ଲାୟନ ସରସ୍ୱତୀ ପାତ୍ର ଦ୍ୱିତୀୟ ଉପଜିଲ୍ଲା ଗଭର୍ଣ୍ଣର ନିଯୁକ୍ତ ହୋଇଛନ୍ତି। ଏଥିସହ ଲାୟନ ଜିଲ୍ଲା ନୂତନ ମନ୍ତ୍ରୀମଣ୍ଡଳୀଙ୍କ ନାମ ଘୋଷଣା କରାଯାଇଛି। ନୂତନ ଜିଲ୍ଲା ସେକ୍ରେଟାରୀ ଭାବେ ଲାୟନ ଅଜୟ ମହାନ୍ତି, କୋଷାଧକ୍ଷ ଭାବେ ଲାୟନ ଲଳିତେନ୍ଦୁ ଶତପଥୀ, ଜନସମ୍ପର୍କ ଅଧିକାରୀ ଭାବେ ଲାୟନ ଖଲିଦ ପରଭେଜ ଖାଁ ମନୋନୀତି ହୋଇଛନ୍ତି।

## କଟକ-ଚାନ୍ଦବାଲି ରାସ୍ତାରେ ବାଲିଗଦା ଯୋଗୁଁ ଘଟୁଛି ଦୁର୍ଘଟଣା



କେନ୍ଦ୍ରାପଡ଼ା (ପିଏନ୍): କଟକ-ଚାନ୍ଦବାଲି ରାସ୍ତାରେ ବାଲି ଗଦା ଯୋଗୁଁ ଦୈନିକ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିଲେ ମଧ ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହିଁ । ଗୃହ ନିର୍ମାଣ ପାଇଁ ବ୍ୟକ୍ତିବିଶେଷମାନେ ମୁଖ୍ୟ ରାସ୍ତା ଉପରେ ବାଲିଗୋଡି ଆଦି ଗଦା କରି ରଖୁଛନ୍ତି । ଫଳରେ ସେହି ରାସ୍ତା ଦେଇ ଯାଉଥିବା ଦୃତଗାମୀ ଗାଡି ଗୁଡିକ ସହିତ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ନିକଟରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କଲେଜ ଛକ ନିକଟରେ ଥିବା ଏକ ପେଟ୍ରୋଲ ଟାଙ୍କି ନିକଟରେ । କଟକ ଗମାନଡିଆ ଗ୍ରାମର ସେକ ଇବ୍ରାହିମ ଓ ହାଜି ଇଜାଜ ନାମକ ଦୁଇ ଜଣ ବ୍ୟକ୍ତି ଏକ ବାଇକ ଯୋଗେ ଯାଉଥିବା ବେଳେ ସେହି ପେଟ୍ରୋଲ ଟାଙ୍କି ନିକଟରେ ଗଦା ହୋଇଥିବା ବାଲି ରାସ୍ତା ଉପରକୁ ମାଡି ଆସିଥିବାରୁ ଟାଙ୍କିରୁ ତେଲ ପକାଇ ଏକ ବୋଲେରୋ (ନଂ-ଓଡି-୨୯-ଏଫ୍-୧୮୮୮) ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକରେ ବସିଥିବା ଦୁଇ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭ ର୍ତ୍ତି କରିଥିଲେ । ରାସ୍ତାରେ ଜମା ହୋଇଥିବା ବାଲି ଯୋଗୁ ବୋଲେରୋଟି ଡିଭାଇଡରରେ ପିଟି ହୋଇଯିବା ଯୋଗୁ ବୋଲେରୋର ଆଗ ଚକାଟି ଫାଟିଯାଇଥିଲା । ଦୈନିକ ଏହିଭଳି ଦୁର୍ଘଟଣା ଘଟୁଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା ଏବଂ ରାସ୍ତା ଉପରେ ବାଲିଗୋଡି ଗଦା କରୁଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବାରୁ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହୋଇଛି ।

## ଅମରେଶ୍ୱରୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତର ଶାସନ ଗ୍ରାମରେ ବିଷୁବ ସଂକ୍ରାନ୍ତଠାରୁ ଆରମ୍ଭ ହୋଇଥିବା ମା' ଅମରେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିବସରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା, ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ଚଣ୍ଡିପାଠ, ହନୁମାନ ପୂଜା, ଯଜ୍ଞାରମ୍ଭ, ଆହୂତି, ଭୋଗଲାଗି ଆଦି ରୀତିନୀତି ସଂପନ୍ନ ହୋଇଥିଲା । ଦ୍ୱିତୀୟ ଦିବସରେ ମା'ଙ୍କ ଷୋଡଶ



ଉପଚାର ପୂଜା, ଗୀତାଯଜ୍ଞ ସମେତ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ଯଜ୍ଞଦେବତାଙ୍କ ନଗର ପରିକ୍ରମା, ପୂଜାର୍ଚ୍ଚନା ଓ ରାତିରେ ଯଜ୍ଞରେ ପୂର୍ଣ୍ଣାହୂତି ଦିଆଯାଇଛି । ପୂଜକ ପ୍ରମୋଦ ପାଢ଼ୀ ଓ ସହଯୋଗୀମାନେ ଯଜ୍ଞକର୍ମ ସମ୍ପାଦିତ କରିଥିବା ବେଳେ ମନ୍ଦିର ପୂଜକ ଭାସ୍କର ଶତପଥୀ, ପ୍ରଫୁଲ୍ଲ କୁମାର ଦାଶ, ପ୍ରଭାତ ପାଣିଗ୍ରାହୀ, ତ୍ରିୟମ୍ବକ ରଥ, ଅଶୋକ ଆଚାର୍ଯ୍ୟ, ପ୍ରଦୀପ୍ତ ଦାଶ, ନାରାୟଣ ଓଝା, ଉମେଶ ବାରିକ, ନାରାୟଣ ସାହୁ, ଅମରେନ୍ଦ୍ର ରାଉତ, ପ୍ରତାପ କୁମାର ପ୍ରଧାନ, ଚିନ୍ମୟ ସାହୁ ପ୍ରମୁଖ ଏଥିରେ ସହାୟତା କରିଥିଲେ । ପ୍ରତ୍ୟେହ ସଂଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସରପଂଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଂଚ ବିଭୂତିଭୂଷଣ ପାଣିଗ୍ରାହୀ, ସଂଗଠକ କାଳନ୍ଦୀ ସାହୁଙ୍କ ସମେତ ସ୍ଥାନୀୟ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି କୃପାଲାଭ କରିଥିଲେ । ଉତର ଶାସନ, ଦୁବଗଡିଆ, ନାଉପାଳ ଓ ଉତର ଶାସନ(ଖ) ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଭୋଗରାଇରେ ସ୍ୱାସ୍ଥ୍ୟମେଳା



ବାଲେଶ୍ୱର (ପିଏନ୍)-ଭୋଗରାଇ ବ୍ଲକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିନରେ ଜଳେଶ୍ୱରପୁର ହାଇସ୍କୁଲ ଠାରେ ଏକ ସ୍ୱାସ୍ଥ୍ୟ ସେବା ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନଡ଼ିଆ ଫଟାଇ ଫିତା କାଟି ଶୁଭାରମ୍ଭ କରିଥିଲେ। ଡାକ୍ତର ଏବଂ ରୋଗୀ ମାନଙ୍କ ସହିତ ରୋଗୀ ସେବା ବିଷୟରେ ଆଲୋଚନା କରିଥିଲେ। ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଆୟୁଷ୍ମାନ ଭାରତ ଗୋଷ୍ଠୀ ସ୍ତରୀୟ ସ୍ୱାସ୍ଥ୍ୟ ଉଦେଶ୍ୟ କ'ଣ ବୁଝାଇଥିଲେ। ଉକ୍ତ ସ୍ୱାସ୍ଥ୍ୟ ମେଳାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦୁଲାଲ ସେନ୍ ଜଗଦେବ୍, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ପ୍ରକଳ୍ପ ମ୍ୟାନେଜର ଅନୀଲ କୁମାର ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣିକାନ୍ତ ଭଞ୍ଜ, ଜଳେଶ୍ୱରପୁରର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଓ କର୍ମକ ର୍ତ୍ତା ଉପସ୍ଥିତ ରହି ସ୍ୱାସ୍ଥ୍ୟ ମେଳାକୁ ସୁପରିଚାଳନା କରିଥିଲେ। ଏହି ସାଧାରଣ ସଭାରେ ବ୍ଲକ ସ୍ତରୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶଂକର ପଟ୍ଟନାୟକ, ତହସିଲଦାର କମଳାକାନ୍ତ ପଣ୍ଡା, ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ କବୀର ଗିରି, ଉପାଧକ୍ଷା ଶ୍ରୀମତୀ ମିନାରାଣୀ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟମେଳାର ଆଭିମୁଖ୍ୟ କ'ଣ ସେ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇଥିଲେ। ଏହି ମେଳାରେ ଡାକ୍ତରଙ୍କ ଦ୍ୱାରା ୮୦ ଜଣ ରୋଗୀଙ୍କୁ ସେବା ପ୍ରଦାନ କରାଯିବା ସହିତ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା ଶିକ୍ଷା ପ୍ରଦାନ କରାଯାଇଥିଲା।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday March 24, 2024 | ଭୁବନେଶ୍ୱର ରବିବାର, ମାର୍ଚ୍ଚ ୨୪,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ଅନୁମତି ନା ବିନା ଅନୁମତିରେ ବିକ୍ରି ଚାଲିଛି ?

### ହୋଲିରେ ରାସାୟନିକ ଯୁକ୍ତ ରଙ୍ଗର ବିକ୍ରି ନିଷିଦ୍ଧ ପାଇଁ ଉଠିଲା ଦାବୀ



ଭୁବନେଶ୍ୱର,(ପି.ଏନ): ଦିନ କେଇଟା ପରେ ପାଖେଇ ଆସୁଛି ରଙ୍ଗର ପର୍ବ ହୋଲି । ଏ ନେଇ ବଜାରରେ ଭଳିକି ଭଳି ଯଥା ନାଲି, ନୀଳ, ସବୁଜ, ଗେରୁଆ, କଳା ଇତ୍ୟାଦି ରଙ୍ଗର ପସରା ଖୋଲିଗଲାଣି । ପ୍ରାୟ ଦୋକାନରେ ରାସାୟନିକ ଯୁକ୍ତ ରଙ୍ଗରେ ଭର୍ତ୍ତି । ଯାହା ଜହର ସହ ସମାନ । କାଁ ଭାଁ ଦୋକାନରେ ପ୍ରାକୃତିକ ରଙ୍ଗ ବିକ୍ରି ହେଉଥିବା ସମୟରେ ଆଉ ସବୁଠି ଏ ଶସ୍ତା ଜହର ରଙ୍ଗ । ଯାହା ମଣିଷ ଶରୀର ପାଇଁ ସମ୍ପୂର୍ଣ୍ଣ ହାନୀକାରକ । କ୍ୟାନସ୍‌ର ପରି ମାରାତ୍ମକ ରୋଗ ସୃଷ୍ଟି ହେବାଠାରୁ ଧରି ଏ ରଙ୍ଗ କିଡ୍‌ନୀ, ଶ୍ୱାସ, ଚକ୍ଷୁକୁ ଗଭୀର କ୍ଷତି ପହଞ୍ଚାଇଥାଏ । ତେବେ ଏ ଜହର ରଙ୍ଗ ବଜାରରେ ଅନୁମତିରେ ନା ବିନା ଅନୁମତିରେ ବିକ୍ରି ଚାଲିଛି ? ଜନସାଧାରଣଙ୍କ ସ୍ୱାର୍ଥ ଓ ସୁରକ୍ଷା ଲାଗି ପ୍ରତିଦିନ ନୂଆ ଆଇନ୍, ନିୟମ ସରକାର ଲାଗୁ କରିଛନ୍ତି । କିନ୍ତୁ ଏ ରଙ୍ଗର ପର୍ବ ହୋଲିରେ ଏ ଜହର ଯୁକ୍ତ ରଙ୍ଗକୁ ନିଷିଦ୍ଧ ବା ରୋକ୍ ଲାଗି ବିଭାଗୀୟ କର୍ତ୍ତୃପକ୍ଷ କାହିଁକି ପଦକ୍ଷେପ ନେଉନାହାଁନ୍ତି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପରିବେଶବିତ୍ ସୁଶାନ୍ତ ସାହୁ । କେବଳ ମଣିଷ ଶରୀର ପାଇଁ ଏ ରଙ୍ଗ ଘାତକ ଭାବିବା ଭୁଲ୍ । ଏହା ଜୀବଜନ୍ତୁ, ଜଳଜୀବ ପ୍ରତି ବିପଦ ସୃଷ୍ଟି କରିବା ସହ ଜଳସମ୍ପଦକୁ ପ୍ରଦୂଷିତ ଓ ନଷ୍ଟ କରିଦେଇଥାଏ । ଶ୍ରୀ ସାହୁ ଏ ରଙ୍ଗ ସମ୍ପର୍କରେ କୁହନ୍ତି - ଯେମିତିକି କପ୍‌ର ସଲ୍‌ଫେଟ୍‌ରୁ ପ୍ରସ୍ତୁତ ହୋଇଥାଏ ସବୁଜ ରଙ୍ଗ । ଏହା ଶରୀର ସଂସ୍ପର୍ଶରେ ଆସିଲେ ଦୃଷ୍ଟି ଶକ୍ତିକୁ ନଷ୍ଟ କରିଦେଇଥାଏ । ଆଲୁମିନିୟମ୍ କ୍ରୋମାଇଡ୍‌ରୁ ସିଲଭର ରଙ୍ଗ, ଯାହା ଶରୀରରେ କ୍ୟାନ୍‌ସର ପରି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ମରକ୍ୟୁରି ସଲ୍‌ଫାଇଟ୍‌ରୁ ଲାଲ ରଙ୍ଗ, ଯାହା ଚର୍ମ କର୍ମଟ ରୋଗ ସୃଷ୍ଟିରେ ସହାୟକ ହୋଇଥାଏ । ଲିଡ୍ ଅକ୍ସାଇଡ୍‌ରୁ କଳାରଙ୍ଗ, ଯାହା କିଡ୍‌ନୀର କାର୍ଯ୍ୟକୁ ବନ୍ଦ କରିଦେବା ସହ ବ୍ୟକ୍ତିର ମାନସିକ ସ୍ତରରେ ଗଭୀର ପ୍ରଭାବ ପକାଇଥାଏ । ଏନେଇ ସୁଶାନ୍ତ ରାସାୟନିକ ଯୁକ୍ତ ରଙ୍ଗର ବିକ୍ରିକୁ ରଙ୍ଗର ପର୍ବ ହୋଲିରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ଲାଗି ପ୍ରଶାସନ ନିକଟରେ ଏକ ପ୍ରେସ୍ ବିବୃତ୍ତିରେ ଦାବୀ କରିଛନ୍ତି ।

## ବୟାଙ୍ଗଡିହି ପଞ୍ଚାୟତ ଠାରେ ବିଜେପିର ଯୁବ ନେତୃତ୍ୱ ସମ୍ମିଳନୀ

ଧାମନଗର,(ପି.ଏନ): ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତ ଅଧିନସ୍ଥ ନୂଆହାଟ ମେଳଣ ପଡିଆରେ ବିଜେପି ପକ୍ଷରୁ ଧାମନଗର ବିଧାନସଭା ନିର୍ବାଚନସ୍ତରୀୟ ଯୁବ ନେତୃତ୍ୱ ସମ୍ମିଳନୀ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରି ଯୁବଛାତ୍ର ଶକ୍ତି ସେମାନଙ୍କ ପ୍ରତିଭାର ପରିଚୟ ଦେଇ ସାମାଜିକ,ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଲେ ରାଷ୍ଟ୍ରର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ । ବିଶ୍ୱର ସର୍ବବୃହତ୍ ଯୁବଶକ୍ତି ଭାରତରେ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ ଓ ଦକ୍ଷ ନେତୃତ୍ୱରେ ଯୁବକ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଦୂରଦୃଷ୍ଟିପୂର୍ଣ୍ଣ ଭିଜନ୍ ପ୍ରସ୍ତୁତ ହୋଇଛି ବୋଲି ସେ ମତବ୍ୟକ୍ତ କରିଥିଲେ । ଯୁବନେତା ଶୁଭେନ୍ଦୁ କୁମାର ପାତ୍ର ସଭାକୁ ସଂଯୋଜନା କରିଥିଲେ ।ଯୁବ ମୋର୍ଚ୍ଚାର ଧାମନଗର ବିଧାନସଭା ପ୍ରଭାରୀ ପ୍ରଣୟ ପ୍ରସନ୍ନ ମହାପାତ୍ର,ଭଦ୍ରକ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ,ଯୁବମୋର୍ଚ୍ଚା ସହିଦ୍ ମଣ୍ଡଳ ସଭାପତି ରଜତ ଲେଙ୍କା,ମୁକୁନ୍ଦଦେବ ମଣ୍ଡଳ ସଭାପତି ରଞ୍ଜିତ ସାହୁ,ଧାମନଗର ଗ୍ରାମୀଣ ମଣ୍ଡଳ ସଭାପତି ଅନନ୍ତ ବେହେରା,ଧୂଷୁରୀ ମଣ୍ଡଳ ସଭାପତି ରଜନିକାନ୍ତ ମିଶ୍ର,କାନ୍ତକବି ମଣ୍ଡଳ ସଭାପତି ଯଜ୍ଞ ପ୍ରସାଦ ପତି,ଗୌରାଙ୍ଗ ଦାସ ପ୍ରମୁଖ ସମ୍ମିଳନୀରେ ମଞ୍ଚାସୀନ ଥିଲେ । ଏହି ଅବସରରେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪୪ପଞ୍ଚାୟତ ଏବଂ ଧାମନଗର ନଗରର ପ୍ରମୁଖ ପଦାଧିକାରୀମାନଙ୍କୁ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଥିଲେ । ଧାମନଗର ଗ୍ରାମୀଣ ମଣ୍ଡଳ ଯୁବମୋର୍ଚ୍ଚାର ଉପସଭାପତି ତପନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାରସ୍ୱତ ପରିଷଦ ପକ୍ଷରୁ ସହିଦ ଦିବସ ପାଳିତ



ଜଗତସିଂହପୁର,(ପି.ଏନ): ଭାରତର ମୁକ୍ତି ସଂଗ୍ରାମ ଇତିହାସରେ ମାର୍ଚ୍ଚ ୨୩ ଏକ ସ୍ମରଣୀୟ ଦିବସ । ଏହି ଦିନ ଭାରତ ମାତାର ତିନି କ୍ରାନ୍ତିକାରୀ ସୁପୁତ୍ର ଭଗତ ସିଂହ, ଶିବରାମ ରାଜଗୁରୁ ଏବଂ ସୁଖଦେବ ହସି ହସି ଦେଶପାଇଁ ଫାଶୀ ଖୁଣ୍ଟରେ ଝୁଲିଯାଇଥିଲେ । ତାଙ୍କରି ସ୍ମୃତିରେ ଆଜିର ଦିନଟିକୁ ସହିଦ ଦିବସ ରୂପେ ପାଳନ କରାଯାଇଥାଏ ବୋଲି ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପ୍ରଫୁଲ୍ଲ ପାଠାଗାର ଠାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଯୋଗଦେଇ ଆଲୋଚକମାନେ ଏହି ମତ ପୋଷଣ କରିଛନ୍ତି । ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ସଭାର ପ୍ରାରମ୍ଭରେ ବରିଷ୍ଠ ରାଜନେତା ଓ ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଆଲୋଚନାରେ ଭାଗନେଇ ଶିକ୍ଷାବିତ୍ ରବୀନ୍ଦ୍ରନାଥ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଦେଶପ୍ରତି ଅପୂର୍ବ ତ୍ୟାଗ, ବଳିଦାନ ଓ ଆଦର୍ଶ ପାଇଁ ମହାନ ବିପ୍ଳବୀ ଭଗତସିଂହ ଓ ତାଙ୍କର ଦୁଇ ସାଥି ସୁଖଦେବ ଓ ରାଜଗୁରୁ ଭାରତୀୟଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇ ପାରିଛନ୍ତି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଗଙ୍ଗାଧର ଦାଶ, ଘନଶ୍ୟାମ କାନୁନ୍‌ଗୋ, ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ଚନ୍ଦ୍ରଶେଖର ରାୟ, ରାମଚନ୍ଦ୍ର ଆଚାର୍ଯ୍ୟ, ରମାକାନ୍ତ ସାମନ୍ତରାୟ, ରମେଶ ଚନ୍ଦ୍ର ସାହୁ, ରବୀନ୍ଦ୍ର ଛୋଟରାୟ, ପ୍ରତାପ ରାଉତରାୟ , ବ୍ରହ୍ମାନନ୍ଦ ତ୍ରିପାଠୀ ଓ ରମେଶ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇ ଭାରତମାତାର ଏହି ବୀର ସନ୍ତାନଙ୍କ ବୈପ୍ଳବିକ ଚିନ୍ତାଧାରା ଏବଂ ବଳିଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ଗଙ୍ଗାଧର ଦାଶଙ୍କ ୮୮ତମ ଜନ୍ମଦିବସ ପାଳନ ଅବସରରେ ପ୍ରଫୁଲ୍ଲ ପାଠାଗାର ତରଫରୁ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କୁ ସରକାରଙ୍କ ଉପେକ୍ଷା ଯୋଗୁଁ ତୀବ୍ର ଅସନ୍ତୋଷ

ଭୁବନେଶ୍ୱର,(ପି.ଏନ): ପେନ୍‌ସନଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ୍ କରାଯିବା ନୀତିଗତ ନିଷ୍ପତ୍ତି ଆମ ରାଜ୍ୟ ସରକାର ନେଇଛନ୍ତି । ଅଥଚ ମାନ୍ୟବର ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ ଏବଂ ବିଭିନ୍ନ ଅଧିକାରୀଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏ ସମ୍ପର୍କିତ ସରକାରୀ ଆଦେଶନାମା ପ୍ରକାଶ ପାଇଲା ନାହିଁ । ଫଳରେ ସାଢେ ୩ଲକ୍ଷ ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ସୂଚାଇ ଦିଆଯାଇପାରେ ଯେ, ପଞ୍ଚମ ବେତନ କମିଶନଙ୍କ ସୁପାରିଶକ୍ରମେ ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସରଙ୍କ ଠାରୁ ଆରମ୍ଭ କରି ଗ୍ରୁପ୍ 'ଡି' ଚାକିରିଆ ପର୍ଯ୍ୟନ୍ତ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ୧୯୯୮ ମସିହାରୁ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନାରେ (ସି.ଜି.ଏଚ୍.ଏସ୍.) ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଅଥବା ମାସିକ ଚିକିତ୍ସା ଭତ୍ତା ପାଉଛନ୍ତି । ରାଜ୍ୟରେ ସ୍ୱତନ୍ତ୍ର ବେତନ କମିଶନ ଗଠନ ବନ୍ଦ କରି କେନ୍ଦ୍ର ବେତନ କମିଶନଙ୍କ ସୁପାରିଶ ଭିତ୍ତିରେ ବେତନ, ପେନ୍‌ସନ୍ ଓ ବିଭିନ୍ନ ପ୍ରକାର ଭତ୍ତା ସଂଶୋଧନ କରିବାକୁ ଆମ ରାଜ୍ୟ ସରକାର ୧୯୯୮ ମସିହାରେ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ସେ ଦୃଷ୍ଟିରୁ ଏହିସବୁ ପ୍ରାପ୍ୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଅସମତା କ୍ରମଶଃ ଦୂରୀଭୂତ ହେବା ଆଶା ରଖାଯାଏ । ରାଜ୍ୟରେ ୭ମ ବେତନ କମିଶନ କାର୍ଯ୍ୟକାରି କରିବାକୁ ଗଠିତ ଫିଟ୍‌ମେଣ୍ଟ କମିଟି ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କୁ କେନ୍ଦ୍ର ଅନୁରୂପ ଚିକିତ୍ସା ସୁବିଧା ଦେବାକୁ ସୁପାରିଶ କରିଛନ୍ତି । ଅଥଚ ତାହା କାର୍ଯ୍ୟକାରୀ କରାଯାଉନାହିଁ । ଓଡ଼ିଶା ବ୍ୟତୀତ ସମସ୍ତ ରାଜ୍ୟ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାଗଣା ଚିକିତ୍ସା (କ୍ୟାସ୍‌ଲେସ୍ ଟ୍ରିଟ୍‌ମେଣ୍ଟ), ଚିକିତ୍ସା ଭତ୍ତା, ରିଇମ୍ବର୍ସମେଣ୍ଟ ଇତ୍ୟାଦି ଭିନ୍ନ ଭିନ୍ନ ସୁବିଧା ପ୍ରଦାନ କରୁଛନ୍ତି । ଆମ ରାଜ୍ୟର ଅବସରପ୍ରାପ୍ତ ଜୁଡିସିଆଲ୍ ଅଫିସରମାନେ ମାସିକ ୧୫୦୦ ଟଙ୍କା ଚିକିତ୍ସାଭତ୍ତା ପାଉଛନ୍ତି । ପୂର୍ବତନ ବିଧାୟକମାନଙ୍କୁ ମାସିକ ୨୦୦୦ ଟଙ୍କା ଚିକିତ୍ସା ଭତ୍ତା ତଥା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ଦିଆଯାଉଅଛି । କର୍ମଚାରୀଙ୍କ ପାଇଁ ରିଇମ୍ବର୍ସମେଣ୍ଟର ବ୍ୟବସ୍ଥା ଅଛି । ସରକାରୀ ଉଦ୍ୟୋଗ ଓ ପ୍ରତଷ୍ଠିତ ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ ସ୍ୱାସ୍ଥ୍ୟବୀମାର ସୁଯୋଗ ପାଉଛନ୍ତି । ସରକାରଙ୍କ ଘୋଷଣା ଅନୁଯାୟୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୯୦ ଭାଗ ଲୋକ ମାଗଣା ଚିକିତ୍ସା ସୁବିଧା ପାଇବେ । ଆର୍ଥିକ ଦୃଷ୍ଟିରୁ ଓଡ଼ିଶା ଏକ ବଳକା ରାଜ୍ୟ । ଅଥଚ ଦୀର୍ଘ ୩୫ରୁ ୪୦ ବର୍ଷ ସର୍ବସାଧାରଣଙ୍କ ସେବା କରି, ଶିକ୍ଷାଦାନ ଦ୍ୱାରା ଦେଶର ଭବିଷ୍ୟତ ଗଢ଼ି ଅବସର ନେଇଥିବା ରାଜ୍ୟର କର୍ମଚାରୀ ଶିକ୍ଷକମାନେ ଅନୁରୂପ କୌଣସି ଚିକିତ୍ସା ସୁବିଧା ପାଉନାହାଁନ୍ତି । ସରକାରଙ୍କ ଉଦାରତା ପରିବର୍ତ୍ତେ ଅଣଦେଖାଭାବ ଏହି ବରିଷ୍ଠ ନାଗରିକମାନଙ୍କୁ ଗଭୀର ଭାବରେ ମର୍ମାହତ କରିଛି । ଏତଦ୍‌ଭିନ୍ନ ପେନ୍‌ସନ୍ ସଂକ୍ରାନ୍ତୀୟ ଅସଂଗତି ଗୁଡ଼ିକ ପ୍ରତି ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ସେଗୁଡ଼ିକ ଦୂର ହୋଇପାରିଲା ନାହିଁ । ସେହିଭଳି ଖାଉଟି ମୂଲ୍ୟସୂଚୀ ବୃଦ୍ଧି ହେତୁ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ, ଶିକ୍ଷକମାନଙ୍କୁ ଡି.ଏ. ଓ ଟି.ଆଇ. ଦେବା ନିଷ୍ପତ୍ତି ଦୀର୍ଘ ୪୦ବର୍ଷ ରୁ ଊର୍ଦ୍ଧ୍ୱ କାର୍ଯ୍ୟକାରୀ ହୋଇଆସୁଥିବା ବେଳେ କୋଭିଡ୍ ଆଳରେ ୦୧.୦୧.୨୦୨୦ ରୁ ଆରମ୍ଭ କରି ତିନି କିସ୍ତି ଡି.ଏ. ଓ ଟି.ଆଇ. ସାମୟିକ ସ୍ଥଗିତ ରହିଥିବା କୁହାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ଦିଆଗଲା ନାହିଁ । ବରିଷ୍ଠ ନାଗରିକମାନେ ରେଳ ଯାତ୍ରାରେ ପାଉଥିବା ରିହାତି ପୁନଃ ପ୍ରଚଳନ କରାଗଲା ନାହିଁ, ଏହା ସେମାନଙ୍କୁ ଗଭୀର ଭାବେ ଅସନ୍ତୋଷ କରିଛି । ଉକ୍ତ ସମସ୍ୟାଗୁଡ଼ିକ ସମାଧାନ ସହିତ ସରକାରଙ୍କ ନୀତିଗତ ନିଷ୍ପତ୍ତି ଅନୁଯାୟୀ ପେନ୍‌ସନଭୋଗୀଙ୍କୁ ଚିକିତ୍ସା ସୁବିଧା ଦେବା ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ୍ କରିବା ସରକାରୀ ଆଦେଶନାମା ଯଥାଶୀଘ୍ର ଜାରି କରିବାକୁ ଅନୁରୋଧ କରାଯାଇଛି ।

## ଅରିଲୋ ମେଳଣ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ



ଫୁଲନଖରା,(ପି.ଏନ): କଟକ ସଦର ଥାନାଅଞ୍ଚଳରେ ଅନୁଷ୍ଠିତ ପ୍ରସିଦ୍ଧ ଅରିଲୋ ମେଳଣ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତର ଅରିଲୋ ଗ୍ରାମସ୍ଥିତ ଶ୍ରୀଶ୍ରୀ ଜନାର୍ଦନ ଦେବଙ୍କ ପୀଠରେ ଆୟୋଜିତ ଏହି ଏକଦିବସୀୟ ମେଳଣରେ ନିକଟବର୍ତ୍ତୀ ଅଞ୍ଚଳରୁ ମୋଟ ୫୦ଟି ଦୋଳ ବିମାନ ଯୋଗଦେଇଥିଲେ । ପ୍ରଚଳିତ ପରମ୍ପରା ଅନୁସାରେ ଶୁକ୍ରବାର ମଧ୍ୟରାତ୍ରରେ ପ୍ରଥମେ ମହାଧରପଡ଼ାର ଲକ୍ଷ୍ମୀନାରାୟଣ ଓ ଗୋପୀନାଥ ଦେବ ଏବଂ ଅରଡ଼ିଆପଦାର ରାଧାମାଧବ ଦେବ ସୁସଜ୍ଜିତ ବିମାନରେ ଆସି ଲଳିତା ପୋଖରୀ ନିକଟରେ ପହଞ୍ଚିଥିଲେ; ସେଠାରେ ଅରିଲୋର ଜନାର୍ଦନ ଦେବ ଓ ଯୁଗଳକିଶୋର ଦେବଙ୍କ ପକ୍ଷରୁ ପୂଜକ, ଟ୍ରଷ୍ଟି ଏବଂ ମାର୍ଫତଦାରମାନେ ଫୁଲ, ଚନ୍ଦନ, ଆଜ୍ଞାମାଳ ଆଦି ପ୍ରଦାନ ପୂର୍ବକ ସମସ୍ତଙ୍କୁ ଆନୁଷ୍ଠାନିକଭାବେ ନିମନ୍ତ୍ରଣ ଜଣାଇଥିଲେ । ଏହାପରେ ତିନି ଠାକୁର ବାଜା, ବାଣ, ଲଉଡ଼ି, ବନାଟି, ଷଣ୍ଢ ଓ ଘୋଡ଼ାନାଚ ପ୍ରଦର୍ଶନ ସହ ଶୋଭାଯାତ୍ରାରେ ଯାଇ ଜନାର୍ଦନ ଦେବଙ୍କ ଚକଡ଼ାରେ ଉପବିଷ୍ଟ ହେବାପରେ ହରିହରି ଭେଟ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଦଳବାଡ଼ ଓ ପରେପରେ କ୍ରମାନୁସାରେ ଅନ୍ୟ ଦୋଳ ବିମାନଗୁଡ଼ିକ ଶୋଭାଯାତ୍ରାରେ ଅରିଲୋ ଗ୍ରାମ ପରିକ୍ରମା ସହ ମେଳଣ ପଡ଼ିଆରେ ଏକତ୍ରୀତ ହୋଇଥିଲେ । ଶନିବାର ପ୍ରତ୍ୟୁଷରୁ ଫୁଲନଖରାସ୍ଥିତ ଶ୍ରୀଶ୍ରୀ ଲକ୍ଷେଶ୍ୱର ମହାଦେବ ମେଳଣ ପଡ଼ିଆରେ ପହଞ୍ଚି ସମସ୍ତ ଠାକୁରଙ୍କୁ ପରିକ୍ରମା ସହ ଭୋଗ ଖାଇଥିଲେ । ଏଠାରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା; ଏହାପରେ ଦୋଳ ବିମାନଗୁଡ଼ିକ ସେମାନଙ୍କ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବା ସହ ମେଳଣ ପର୍ବ ସମ୍ପନ୍ନ ହୋଇଥିଲା । ଏହି ପୁରାତନ ତଥା ପ୍ରସିଦ୍ଧ ମେଳଣ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଅନ୍ୟୁନ ୨୦ହଜାର ଦର୍ଶକଙ୍କ ସମାଗମ ହୋଇଥିଲାବେଳେ ମୀନା ବଜାରରେ ଶତାଧିକ ଅସ୍ଥାୟୀ ଦୋକାନ ଖୋଲିଥିଲା । ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଜନାର୍ଦନ ଦେବଙ୍କ ପୀଠରେ ଆଧ୍ୟାତ୍ମିକ ଭଜନ ପରିବେଷିତ ହୋଇଥିଲା । ଏତଦ ବ୍ୟତୀତ ଅରଡ଼ିଆପଦା ଗ୍ରାମ୍ୟ କମିଟି ତରଫରୁ ନବମଲ୍ଲୀକା ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ମୁରବି, ଆରକ୍ଷୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ନିମିତ୍ତ ସଦର ଥାନାଧିକାରୀ ଜଗନ୍ନାଥ ମଲିକଙ୍କ ନେତୃତ୍ୱରେ ୩ପ୍ଲାଟୁନ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲାବେଳେ ମେଳଣ ଶାନ୍ତି କମିଟି ସଭାପତି ଯୁଧିଷ୍ଠିର ଭୋଳ, କାର୍ଯ୍ୟକାରୀ ସଭାପତି ସୁନ୍ଦରପବିତ୍ର ଦାସ, ଗୋପାଳଚନ୍ଦ୍ର ମିଶ୍ର, ଲିଙ୍ଗରାଜ ମହାନ୍ତି, ଲଳିତକୁମାର ଦାଶ, ଯଜ୍ଞେଶ୍ୱର ଶତପଥୀ, ଅଶୋକ ରଥ, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।







Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray